ସମାଜ

ତାରିଖ: ୦୫.୦୫.୨୦୧୭

# ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡ଼ିଜର ବାର୍ଷିକ ଉତ୍ସବ

ଭୁବନେଶ୍ୱର : ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡ଼ିଜର ବାର୍ଷିକ ଉତ୍ସବ ଜସନ୍-୨୦୧୭ ଅନୁଷ୍ଠିତ ହୋଇଯାଇଛି ।



ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ପି.ଆର.ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି.କେ.ତ୍ରିପାଠୀ ସ୍ୱାଗତ ଭାଷଣ ପରେ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପ୍ରଧାନ ୨୦୧୬ ଶିକ୍ଷାବର୍ଷ ପାଇଁ ବିପିୟୁଟିର ଏମ୍‌ବିଏ ଟପ୍ପର ହୋଇ ରାଜ୍ୟପାଳ ଏସ୍.ସି.ଜମିରଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବା ଅନୁଷ୍ଠାନ ପାଇଁ ଏକ ଗୌରବମୟ ଅଧ୍ୟାୟ ବୋଲି ଅଧ୍ୟକ୍ଷ କହିଥିଲେ । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।